ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

ଓଁ ତମସୋ ମା ଜ୍ୟୋତିର୍ଗମୟ

### ଆଇ.ଟ.ଇ.ଆର୍.ର ବାଷକ ଉତ୍ସବ ଜେନେସସ୍-୧୦ ଉଦ୍‌ଯାପତ

# ଜଣେ ଇଞ୍ଜିନିୟର ଅପେକ୍ଷା ଭଲ ମଣିଷ ହେବା ଅଧିକ ଶ୍ରେୟ

ଭୁବନେଶ୍ୱର, ୦୨।୩ (ପିଏନ) : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇ.ଟି.ଆର.ର ବାର୍ଷିକ ଉତ୍ସବ ଜେନେସିସ୍ -୧୦ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସ ଠାରେ ଉଦ୍‌ଯାପିତ ହୋଇଯାଇଛି । ଜଣେ ଇଞ୍ଜିନିୟର ଅପେକ୍ଷା ଭଲ ମଣିଷ ହେବା ଅଧିକ ଶ୍ରେୟ ବୋଲି ଉତ୍ସବର ମୁଖ୍ୟଅତିଥି ତଥା ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ରାଜ କୁମାର ଶର୍ମା ମତ ବ୍ୟକ୍ତ କରିଥିଲେ । କଲେଜର୍ ଡେପୁଟି ଚେୟାରମ୍ୟାନ୍ ପ୍ରଫେସର ବି.କେ. ସରାପ୍ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ତାଙ୍କ ଭାଷଣରେ କହିଥିଲେ ଯେ, ଭବିଷ୍ୟତରେ ପ୍ରତ୍ୟେକ ଛାତ୍ରଛାତ୍ରୀ କେବଳ ଜଣେ ଇଞ୍ଜିନିୟର ନ ହୋଇ କିପରି ଜଣେ ଭଲ ମଣିଷ ହେବେ ସେ ଦିଗ ପ୍ରତି ସେମାନେ ଧ୍ୟାନ ଦେବା ଆବଶ୍ୟକ । ଅନ୍ୟତମ ସମ୍ମାନିତ ଅତିଥି ତଥା ରାଜ୍ୟ ଉଚ୍ଚଶିକ୍ଷା ଟାସ୍କ ଫୋର୍ସର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ତ୍ରିଲୋଚନ ପ୍ରଧାନ ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଆଦାନୀ ଗ୍ରୁପ୍‌ର ମାନବ ସମ୍ବଳ ସଭାପତି ପ୍ରଦୀପ୍ତ ପଣ୍ଡା ତାଙ୍କ ଅଭିଭାଷଣରେ ପିଲାମାନଙ୍କର ମନୋବୃତ୍ତିରେ ପରିବର୍ତ୍ତନ ହିଁ ସେମାନଙ୍କୁ ସଠିକ୍ ବାଟରେ ନେଇଯାଇଥାଏ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦୀପକ ପଣ୍ଡାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତିଙ୍କ ତରଫରୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ପ୍ରଫେସର ସରାପ୍ ସମସ୍ତ ଅତିଥିଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ । କଲେଜର 'ବାର୍ଷିକ ପ୍ରତିକା ଅନ୍ୱେଷା' ଉନ୍ମୋଚିତ ହୋଇଥିଲା । ଅନୁଷ୍ଠାନର ଅତିରିକ୍ତ ଡିନ୍ ପ୍ରଫେସର ଆର୍. କେ. ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ଼ଃ. ମାନସ ମଲ୍ଲିକ, ଡିନ୍ ପ୍ରଫେସର କେ. କେ. ମିଶ୍ର, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳତା, ପାଇଁ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।